R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୪
ତିଥି : ଅଷ୍ଟମୀ
୧୭ ଫେବୃଆରୀ ୨୦୨୪, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 134
17 Feb 2024, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ଏସ୍ଏଚ୍‌ଜି ସଦସ୍ୟାଙ୍କୁ ୟୁନିଫର୍ମ ଲାଗି ହଜାରେ ଟଙ୍କା

ଭୁବନେଶ୍ୱର, ୧୬।୨ (ସବ୍ୟୁ) : ରାଜ୍ୟର ୭୦ ଲକ୍ଷ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟ ୟୁନିଫର୍ମ ପାଇଁ ହଜାରେ ଟଙ୍କା ଲେଖାଏଁ ସହାୟତା ପାଇବେ । ସେହିଭଳି ୧.୫ ଲକ୍ଷ କାର୍ଯ୍ୟନିର୍ବାହୀ କମିଟି, ପରିଚାଳନା କମିଟି ସଦସ୍ୟଙ୍କ ପାଇଁ ମନପସନ୍ଦର ବ୍ଲେଜର କିଣିବା ପାଇଁ ପ୍ରତ୍ୟେକ ସଦସ୍ୟାଙ୍କୁ ୨ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ସ୍ୱୟଂସହାୟକ ଗୋଷ୍ଠୀମାନେ ନିଜ ପସନ୍ଦର ୟୁନିଫର୍ମ ଚୟନ କରିପାରିବେ । ଏଥିଲାଗି ମିଶନଶକ୍ତି ବିଭାଗକୁ ରାଜ୍ୟ ସରକାର ୭୩୦ କୋଟି ଟଙ୍କା ଅନୁମୋଦନ କରିଛନ୍ତି । ଉପରୋକ୍ତ ପ୍ରସ୍ତାବ ସମେତ ରାଜ୍ୟ କ୍ୟାବିନେଟ୍‌ରେ ୧୦ ବିଭାଗର ୧୨ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସମ୍ପର୍କରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍, ମୁଖ୍ୟ ସଚିବ ପ୍ରଦୀପ ଜେନା ସୂଚନା ଦେଇଥିଲେ । ସେମାନେ କହିଥିଲେ ଯେ ୫-ଟି ଶାସନ ଅଧିନରେ ଓଡ଼ିଶା ହେଉଛି ମହିଳା ସଶକ୍ତିକରଣର ଏକ ଅନନ୍ୟ ମଡେଲ । ମିଶନଶକ୍ତି ମହିଳାଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିବଦ୍ଧ ।



ସେମାନଙ୍କ ପାଇଁ କ୍ୟାବିନେଟ୍‌ରେ ଆଜି ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି । ଏହାଛଡା ସରକାରୀ କାର୍ଯ୍ୟ ନିର୍ବାହର ଉନ୍ନତ ଫଳପ୍ରଦ ଓ ସମୟାନୁବର୍ତ୍ତିତା ନିୟନ୍ତ୍ରଣ, ସଠିକ୍ ମାର୍ଗ ଦର୍ଶନ, ଡକ୍ୟୁମେଣ୍ଟେସନ୍‌ର ସୁବିଧା ନିମନ୍ତେ ପଞ୍ଚାୟତ ସମିତି, ଜିଲ୍ଲା ଓ ପଞ୍ଚାୟତରେ ଆକାଉଣ୍ଟାଣ୍ଟ କମ୍ ଡାଟାଏଣ୍ଟ୍ରି ଅପରେଟର ନିଯୁକ୍ତି ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିଲାଗି ୭୧୪୨ ପଦବୀ ସୃଷ୍ଟି କରାଯାଇଛି । ଗ୍ରାମ ରୋଜଗାର ସେବକଙ୍କ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଆକାଉଣ୍ଟାଣ୍ଟ କମ୍ ଡାଟାଏଣ୍ଟ୍ରି ଅପରେଟରରେ ୩୦% ପଦବୀରେ ତାଙ୍କୁ ମନୋନୀତ କରାଯିବ । ଅବଶିଷ୍ଟ ୭୦% ପଦବୀ ଏକ ସ୍ୱାଧୀନତ ସଂସ୍ଥା ଓଡ଼ିଶା ଅଧସ୍ଥନ କର୍ମଚାରୀ ଚୟନ ଆୟୋଗ ମାଧ୍ୟମରେ ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ କରାଯିବ । ଯେଉଁ ଗ୍ରାମ ରୋଜଗାର ସେବକମାନେ କ୍ରମାଗତ ୫ ବର୍ଷ କାମ କରିଥିବେ ଓ ଅନ୍ୟାନ୍ୟ ଯୋଗ୍ୟତା ପୂରଣ କରିଥିଲେ ସେମାନଙ୍କୁ ଖାଲି ପଦବୀରେ ନିଯୁକ୍ତି ଦିଆଯିବ ।

ଏହାଛଡା କ୍ୟାବିନେଟ୍ ମଧ୍ୟ ନୂଆ-ଓ ଛାତ୍ରବୃତ୍ତିକୁ ଅନୁମୋଦନ କରିଛନ୍ତି । ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ପାଉଥିବା ଛାତ୍ରଛାତ୍ରୀ ଏବଂ ନିର୍ମାଣ ଶ୍ରମିକଙ୍କ ପୁଅ-ଝିଅ ମଧ୍ୟ ଏହି ବୃତ୍ତି ପାଇଁ ଆବେଦନ କରିପାରିବେ । କାଳିଆ ବୃତ୍ତି ପାଉଥିଲେ ଏହି ଯୋଜନାରୁ ଲାଭ ପାଇପାରିବେ ନାହିଁ । ଡିବିଟି ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ବୃତ୍ତି ଅର୍ଥ ପଠାଯିବ । ପ୍ରତିବର୍ଷ ୫ ଲକ୍ଷ ୮୦ ହଜାର ପିଲା ଏହାର ଲାଭାର୍ଥି ହେବେ । ୨୦୨୩-୨୪ ଆର୍ଥିକ ବର୍ଷରୁ ୨୦୨୭-୨୮ ମଧ୍ୟରେ ୩୨୦୧.୦୮ କୋଟି ଟଙ୍କା ବ୍ୟୟ କରାଯିବ । ସେହିଭଳି ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନାକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହି ଯୋଜନାରେ ୫୦ ରୁ ୮୦ ବର୍ଷ ମଧ୍ୟରେ ବୁଣାକାରମାନଙ୍କୁ ୨୦୦୦ ଟଙ୍କା ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ୨୫୦୦ ଟଙ୍କା ସହାୟତା ଦିଆଯିବ । ତେବେ ପରିବାରର (୯ ପୃଷ୍ଠାରେ)

**୧.୫ ଲକ୍ଷ କାର୍ଯ୍ୟନିର୍ବାହୀ କମିଟି ଓ ପରିଚାଳନା କମିଟି ସଦସ୍ୟାଙ୍କ ବ୍ଲେଜର ଲାଗି ୨୦୦୦ ଟଙ୍କା**

**ମୋଟ୍ ବ୍ୟୟ ହେବ ୭୩୦ କୋଟି ଟଙ୍କା**

**କ୍ୟାବିନେଟ୍‌ରେ ୧୨ ପ୍ରସ୍ତାବକୁ ଅନୁମୋଦନ**

**ପ୍ରତି ପଞ୍ଚାୟତରେ ରହିବେ ଆକାଉଣ୍ଟାଣ୍ଟ କମ୍ ଡାଟାଏଣ୍ଟ୍ରି ଅପରେଟର**

**ସମୁଦାୟ ୭୧୪୨ ପଦବୀ ସୃଷ୍ଟି କରାଗଲା**

**ଜିଆର୍‌ଏସ୍‌ମାନଙ୍କ ଲାଗି ୩୦% ସଂରକ୍ଷଣ**

**ନୂଆ-ଓ ବୃତ୍ତିକୁ ଅନୁମୋଦନ**

**କୁଲତା ସମାଜକୁ ପୁରୀରେ ଧର୍ମଶାଳା ଲାଗି ୧ ଏକର ଜମି**

**ମୁଖ୍ୟମନ୍ତ୍ରୀ ବୁଣାକାର ଓ କାରିଗର ସହାୟତା ଯୋଜନାକୁ ଅନୁମୋଦନ**

### ୬ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ

## ଜୀବନଯାତ୍ରାକୁ ସହଜ କରିବ, ସମୃଦ୍ଧି ଆଣିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୨ (ସବ୍ୟୁ) : ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍ଫରେନ୍ସିଂ ଜରିଆରେ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା, ଭଦ୍ରକ, ଯାଜପୁର ଓ ନୟାଗଡ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗାଁ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ ଏବଂ କମ ଖର୍ଚ୍ଚରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ କରିପାରିବେ । ଲକ୍ଷ୍ମୀ ବସ୍ ଆମର ଜୀବନ ଯାତ୍ରାକୁ ସହଜ କରିବ, ଘରେ ଘରେ ସମୃଦ୍ଧି ଆଣିବ ।

ମୋ ସରକାର ହେଉଛି ଲୋକଙ୍କ ସରକାର । ଲୋକଙ୍କ ଇଚ୍ଛାକୁ ସମ୍ମାନ ଦେଇ ଓଡିଶା ସରକାର ଯୋଜନା କରନ୍ତି । ୫-ଟି ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରିଥିଲୁ ଏବଂ ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କର ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଆଜିର ଶୁଭାରମ୍ଭ ପରେ ୬ଟି ଜିଲ୍ଲାର ୧୩୬୩ଟି ପଞ୍ଚାୟତରେ ୧୯୮ଟି ବସ୍ ଚାଲିଲା । ଏହା ଦ୍ୱାରା ୭୫ ଲକ୍ଷରୁ ଅଧିକ ଲୋକ ଉପକାର ପାଇଲେ । ଖୋର୍ଦ୍ଧାର ୧୫୪ଟି ପଞ୍ଚାୟତରେ ୨୨ଟି ବସ୍ ଚାଲିଲା ଏବଂ, ୧୫.୫୦ଲକ୍ଷ ଲୋକ ଉପକୃତ ହେଲେ । ପୁରୀର ୨୬୮ଟି ପଞ୍ଚାୟତରେ ୪୪ଟି ବସ୍ ଚାଲିଲା ଏବଂ ୧୪ ଲକ୍ଷ ୬୦ ହଜାର ଲୋକ ଉପକୃତ ହେଲେ । (୯ ପୃଷ୍ଠାରେ)



**ଲକ୍ଷ୍ମୀ ବସ୍ ସାରା ରାଜ୍ୟର ସମ୍ପତ୍ତି, ନିଜ ସମ୍ପତ୍ତି ଭାବି ରକ୍ଷଣାବେକ୍ଷଣ କରନ୍ତୁ : ୫-ଟି ଅଧ୍ୟକ୍ଷ**

**୬ ଜିଲ୍ଲାର ୧୩୬୩ ପଞ୍ଚାୟତରେ ୧୯୮ ବସ୍ ଚାଲିବ**

**୭୫ ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ**

## ଆନ୍ଦୋଳନକୁ ଜୋରଦାର କରିବ ସଂଯୁକ୍ତ କିଷାନ ମୋର୍ଚ୍ଚା

ନୂଆଦିଲ୍ଲୀ, ୧୬।୨ : କୃଷକମାନଙ୍କ ପକ୍ଷରୁ ଆଜି ଦିଆଯାଇଥିବା ବନ୍ଦ ଡାକରା ସମୟରେ ପୋଲିସ ପକ୍ଷରୁ ଟିୟର ଗ୍ୟାସ ମାଡ କରାଯାଇଛି । ଶମ୍ଭୁ ସୀମାରେ ଜଣେ ୬୩ବର୍ଷୀୟ କୃଷକ ହୃଦଘାତରେ ପ୍ରାଣ ହରାଇଥିବା ଜଣାପଡିଛି । ହରିଆଣା ସୀମାରେ ଶମ୍ଭୁ ନିକଟରେ ଅମ୍ବଲା ଦେଇ ଯାତ୍ରା ପାସ୍ କଲାବେଳେ ସମ୍ପୃକ୍ତ କୃଷକ ଜ୍ଞାନ ସିଂ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ତୁରନ୍ତର ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲା ଓ ସେଠରେ ତାଙ୍କର ମୃତ୍ୟୁ ହୋଇଛି ।



କୃଷକଙ୍କ ପକ୍ଷରୁ ଦିଲ୍ଲୀ ଚଲୋ ଡାକରା ଦିଆଯାଇଛି । ଫେବୃଆରୀ ୧୩ରୁ ଏହା ଆରମ୍ଭ ହୋଇଛି । ଆଜି କୃଷକମାନଙ୍କ ପକ୍ଷରୁ ଗ୍ରାମୀଣ ଭାରତ ବନ୍ଦ ଡାକରା ଦିଆଯାଇଥିଲା । ପଞ୍ଜାବ ଓ ହରିଆଣାର ଶମ୍ଭୁ ଓ ଖନୁଓ୍ୱାରୀ ସୀମାରେ କୃଷକମାନେ ପ୍ରତିବାଦ କରୁଛନ୍ତି । ଏଠାରେ ସେମାନଙ୍କ ଉପରକୁ ଟିୟର ଗ୍ୟାସ ମାଡ କରାଯାଉଛି । ଭାରତ କିଷାନ ୟୁନିୟନ ନେତା ପବନ ଖଟନା କହିଛନ୍ତି ଯେ ଆମେ ଗୋଟିଏ ଦିନ କାର୍ଯ୍ୟ ବନ୍ଦ କରି ସରକାରଙ୍କ ଉପରେ ଚାପ ପକାଇବା (୯ ପୃଷ୍ଠାରେ)

**ଭାରତବନ୍ଦ ଆନ୍ଦୋଳନବେଳେ ହୃଦ୍‌ଘାତରେ ଚାଷୀଙ୍କ ମୃତ୍ୟୁ**

## ୧୨ କୋଟି ଠକେଇ, ଆରମଦା ବଜାର ମାଲିକ ଗିରଫ

ଭୁବନେଶ୍ୱର, ୧୬।୨ (ସବ୍ୟୁ): ଠକେଇ ଅଭିଯୋଗରେ ଏମ୍/ଏସ୍ ଆରମଦା ବଜାର ପିଭିଟି/ଏଲ୍‌ଟିଡର ମାଲିକ ପର୍ଶୁରାମ ରାଜନେତ୍ ଭାଇପାଲକୁ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରି ଟ୍ରାଞ୍ଜିଟ ରିମାଣ୍ଡରେ ଆଣିଛି । ରତୁରାଜ ମହାନ୍ତି ଇଓଡବ୍ଲ୍ୟୁରେ ଏତଲା କରିବା ପରେ ପଙ୍କଜ କୁମାର ପରିଡା ନାମକ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ସେ ଜେଲରେ ଥିବାବେଳେ ମାଲିକ ପାଲକୁ ଗିରଫ କରିଛି ଇଓଡବ୍ଲ୍ୟୁ । ରତୁରାଜ ମହାନ୍ତି ୧.୨୬କୋଟି ଟଙ୍କାର ଠକେଇର ଶୀକାର ହୋଇଥିବା (୯ ପୃଷ୍ଠାରେ)

## ଜ୍ୱେଲରୀ ସୋ'ରୁମ ମାଲିକଙ୍କୁ ଗୁଳିମାଡ଼

ସମ୍ବଲପୁର, ୧୬।୨ (ସବ୍ୟୁ) : ଶୁକ୍ରବାର ଦିନ ଦ୍ୱିପ୍ରହରରେ ସମ୍ବଲପୁର ସହର ଧନୁପାଲି ଥାନା ଅନ୍ତର୍ଗତ ଗୋବିନ୍ଦତୋଲା-ଧନୁପାଲି ମୁଖ୍ୟରାସ୍ତାରେ ଥିବା ଏକ ଜ୍ୱେଲରୀ ସୋ'ରୁମ୍‌ର ମାଲିକଙ୍କୁ ଦୁର୍ବୃର୍ତମାନେ ଗୁଳିମାଡ଼ କରିଛନ୍ତି। ତାଙ୍କ ନାମ ସୁଜିତ ସ୍ୱର୍ଣ୍ଣକାର । ସୂଚନା ଅନୁସାରେ ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ'ନ୍ୟୁ ପାୟଲ ଜ୍ୱେଲର୍ସ'ରେ କିଛି ଦୁର୍ବୃତ୍ତ ବାଇକରେ ଆସି ପହଞ୍ଚି ଥିଲେ। ସେହି ସମୟରେ ଗହଣା ଦୋକାନରେ ମାଲିକ ସୁଜିତ ସୋନାରଙ୍କ ସହିତ କିଛି କର୍ମଚାରୀ ଓ ଗ୍ରାହକ ମଧ୍ୟ ଥିଲେ। ଦୁର୍ବୃତ୍ତମାନେ (୯ ପୃଷ୍ଠାରେ)

## କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କଲା ଆଇଟି

ନୂଆଦିଲ୍ଲୀ, ୧୬।୨ କଂଗ୍ରେସର ବ୍ୟାଙ୍କ ଖାତାକୁ ଆୟକର ବିଭାଗ ପକ୍ଷରୁ ଅଚଳ କରିଦଆଯାଇଛି । କଂଗ୍ରେସ ନୁହେଁ ଯୁବ କଂଗ୍ରେସର ମୁଖ୍ୟ ବ୍ୟାଙ୍କ ଖାତାକୁ ମଧ୍ୟ ବନ୍ଦ କରିଦିଆଯାଇଛି । ଫଳରେ ଦଳ ଏବେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛି । ଏହି ନିଷ୍ପତ୍ତି ବିରୋଧରେ ଦଳ ପକ୍ଷରୁ ଆୟକର ବିଭାଗ ଅପୋଲେଟ ଟ୍ରବ୍ୟୁନାଲରେ ଆବେଦନ କଲାପରେ ଆକାଉଣ୍ଟକୁ ଖୋଲାଯାଇଛି ଓ ଆସନ୍ତା ସପ୍ତାହରେ ଶୁଣାଣି ହେବ ।

କଂଗ୍ରେସ ପକ୍ଷରୁ କହାଯାଇଛି ଯେ, ଦଳ ଖାତାରେ ୧୧୫କୋଟି ଟଙ୍କା ରହିଛି । ଦଳର କୋଷାଧ୍ୟକ୍ଷ ଅଜୟ ମାର୍କେଣ୍ଡ କହିଛନ୍ତି ଯେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଦଳ ଚାନ୍ଦା ସଂଗ୍ରହ କରିଥିଲା । ଏହା ଲୋକଙ୍କ ଠାରୁ ଅଣାଯାଇଥିଲା । ଆୟକର ବିଭାଗ ପକ୍ଷରୁ ୨୧୦ କୋଟି ଟଙ୍କା ଦାବି କରାଯାଇଛି । ଏଭଳି ପଦକ୍ଷେପ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଓ ଦଳର ନିର୍ବାଚନ ପ୍ରସ୍ତୁତିକୁ ବାଧା ଦେବାପାଇଁ ଉଦ୍ଦିଷ୍ଟ । ବର୍ତ୍ତମାନ କଣ ଦେଶରେ ,ଗୋଟିଏ ଦଳ ଶାସନ କଲାଭଳି ପରିସ୍ଥିତି ସୃଷ୍ଟି ହୋଇଛି । ବିଚାରବିଭାଗ ପ୍ରକ୍ରିୟା ଓ ଲୋକଙ୍କଠାରୁ ଆମେ ନ୍ୟାୟ ଚାହୁଁଛୁ । ଦିଆଯାଇଥିଲ । । ହେଲେ ଆକାଉଣ୍ଟକୁ ମଧ୍ୟ ଅଚଳ କରି ଦିଆଯାଇଥିଲା । (୯ ପୃଷ୍ଠାରେ)



ଏ ଘଟଣାରେ ମଧ୍ୟ ଆମେ ଆଇନଗତ ପଦକ୍ଷେପ ନେବୁ । ଦଳ ପକ୍ଷରୁ କହାଯାଛି ଯେ ଗତ କାଲି ଆକାଉଣ୍ଟକୁ ଅଚଳ କରିଦିଆଯାଇଥିଲା । ଦଳ ପକ୍ଷରୁ ଦିଆଯାଉଥିବା କୌଣସି ଚେକ୍‌କୁ ଗ୍ରହଣ କରାଯାଉ ନାହିଁ । ୨୦୧୮ -୧୯ରେ ନିର୍ବାଚନ ବର୍ଷରେ ଦଳ ପକ୍ଷରୁ ୪୫ଦିନ ପୂର୍ବରୁ ସବୁ ତଥ୍ୟ

**ଟ୍ରିବ୍ୟୁନାଲର ହସ୍ତକ୍ଷେପ ପରେ କାର୍ଯ୍ୟକାରୀ**

**ଏଭଳି ପଦକ୍ଷେପ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ : କଂଗ୍ରେସ**




# ଗାଡ଼ି ସହ ୮୦ ଖଣ୍ଡ ଶାଳ ପଟା ଜବତ,୩ ଗିରଫ

ଘଣ୍ଟାପଡା,(ସବ୍ୟୁ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ରେଞ୍ଜ ଅନ୍ତର୍ଗତ ମଲିକୁଦ ଗ୍ରାମ ଗୁରୁଦାପଡା ଛକ ନିକଟରୁ ୮୦ ଖଣ୍ଡ ଶାଳ ସାଇଜ ଜବତ କରିବା ସହିତ ୩ ଜଣକୁ ଗିରଫ କରିଛି କଣ୍ଟାମାଳ ବନ ବିଭାଗ । ସୂଚନା ଅନୁଯାୟୀ ଶୁକ୍ରବାର ଓଡି ୦୩ ଏ ୧୧୨୧ ନମ୍ବର୍ ବିଶିଷ୍ଟ ଏକ ଟାଟା ମ୍ୟାଜିକ ଗାଡ଼ିରେ ୮୦ ଖଣ୍ଡ ଶାଳ ସାଇଜ ଚାଲାଣ ହେଉଥିବା ଖବର ପାଇ ବନ ବିଭାଗ ମଲିକୁଦ ଗ୍ରାମ ଗୁରୁଦାପଡା ଛକ ନିକଟରେ ଅଟକାଇ ଗାଡ଼ି ସହ କାଠକୁ ଜବ୍ଦ କରିଥିଲା । ଉକ୍ତ ମାମଲାରେ ସମ୍ପୃକ୍ତ ଏକ ବାଇକକୁ ଜବତ କରି ୩ ଜଣଙ୍କୁ ଗିରଫ କରିଥିଲା । ଗିରଫ ବ୍ୟକ୍ତି ମାନେ ହେଲେ ମନମୁଣ୍ଡା ଥାନା ନୂଆପାଲି ଗ୍ରାମର ଅଶୋକ ସାହୁ, ସୋନପୁର ଜିଲ୍ଲା ବାଙ୍କବିଜା ଗ୍ରାମର ତ୍ରିଲୋଚନ ବାଘ ଓ ଗୁଲୁଡ଼ି ଗ୍ରାମର କମ୍ଳୁ କର୍ମୀ ବୋଲି ସୂଚନା ମିଳିଛି । ସନ୍ଧ୍ୟାରେ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣା ପଡିଛି । ଚଢାଉରେ ମଲିକୁଦ୍ ବିଟ ଭାରପ୍ରାପ୍ତ ବନପାଳ ବୁଲି ବେହେରା, ସ୍କ୍ୱାଡ କମଚାରୀ ରଶ୍ମୀ ରଞ୍ଜନ ବେହେରା, ଅକ୍ଷୟ ଗାଇଗୋଉରିଆ ଓ ଅନ୍ୟମାନେ ସାମିଲ୍ ଥିଲେ ।

# ଅଲ୍ ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ : ସୋନପୁର ଚାମ୍ପିଅନ



କଣ୍ଟାମାଳ, (ସବ୍ୟୁ): କଣ୍ଟାମାଳ ଆଥଲେଟିକ ଆସୋସିଏସନ ପକ୍ଷରୁ ସ୍ଥାନୀୟ କଲେଜ ଖେଳ ପଡିଆରେ ଆୟୋଜିତ ପ୍ରଥମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପନୀ ଦିବସରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ଆଫ୍ରିକା -୧୧(ନାଇଜେରିଆ) ମଧ୍ୟରେ ହୋଇଥିଲା । ଖେଳ ଶେଷ ସୁଦ୍ଧା କେହି କାହାକୁ ଗୋଲ ଦେଇ ପାରିନଥିଲେ । ପରେ ଟ୍ରାଇବେକର ଜରିଆରେ ଆଫ୍ରିକା -୧୧ଦଳ କୁ ୪-୨ ଗୋଲରେ ହରାଇ ଶ୍ରେୟାଂଶ ସ୍ପୋର୍ଟିଂ ସୋନପୁର ଦଳ ଟୁର୍ଣ୍ଣାମେଣ୍ଟ ଚମ୍ପିଆନ ହୋଇଛି । ଖେଳରେ ମୁଖ୍ୟଅତିଥିଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା କଣ୍ଟାମାଳ ବିଧାୟକ ମହିଧର ରଣା ,ସମ୍ମାନିତ ଅତିଥି ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ ଅଧକ୍ଷ ବୌଦ, ଜିଲ୍ଲା କ୍ରିକେଟ ଓ ଫୁଟବଲ ଆସୋସିଏସନ ସମ୍ପାଦକ ଯୁଗଳ କିଶୋର ସାମଲ ,ଔଦ୍ୟୋଗୀକ କରୁଣାକର ସାହୁ,ପ୍ରକାଶ ସାହୁ ସରପଞ୍ଚ ପ୍ରତିନିଧି କଣ୍ଟାମାଳ, ସମାଜସେବୀ ତାପସ ଖଟୁଆ , ଅଜିତ କୁମାର ସାହୁ ସ୍ୱସ୍ତି ରେଷ୍ଟୁରାଣ୍ଟ ମାଲିକ, ବିଶ୍ୱ ରଞ୍ଜନ ସାହୁ ଟେଷ୍ଟୀ ବେଷ୍ଟି ରେଷ୍ଟୁରାଣ୍ଟ ମାଲିକ, ସଂଜୀବ ସାହୁ ନୀରବ ଢାବା ମାଲିକ, ମଧୁସୂଦନ ସାହୁ ସରପଞ୍ଚ ପ୍ରତିନିଧି ଖଲିଆପାଲି, ପ୍ରଶାନ୍ତ ସାହୁ କଂଗ୍ରେସ ନେତା, ମାନସ ରଞ୍ଜନ ସାହୁ ସମାଜ ସେବୀ, ସନତ ମିଶ୍ର ଆଦି ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ମହେନ୍ଦ୍ର ଦାସ ଓ ମନୋଜ ଶର୍ମା ଖେଳର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଅଭିଳାଷ ପ୍ରସାଦ ସାହୁ, ପ୍ରକାଶ ପ୍ରଧାନ,ସଦାଶିବ ମହାନନ୍ଦ, ବିକାଶ ସେଠି, ଅମିତ ନାୟକ ପ୍ରମୁଖ ମ୍ୟାଚ ରେଫରୀ ଓ ଅବସରପ୍ରାପ୍ତ ଖେଳ ପ୍ରଶିକ୍ଷକ ବୀରେନ୍ଦ୍ର ସାହୁ ମ୍ୟାଚ କମିଶନର ଭାବେ ସହଯୋଗ କରିଥିଲେ ।

# ଅଜଣା ଗାଡ଼ି ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବଲାଙ୍ଗିର,(ସବ୍ୟୁ): ଗୁରୁବାର ରାତିରେ ଖଗେଶ୍ୱର ଓ ସଚିକାନ୍ତ ଏକ ବାଇକରେ ବଲାଙ୍ଗିରରୁ ନିଜ ଗାଁକୁ ଫେରୁଥିଲେ। ଦୁଇ ବାଇକ୍ ଆରୋହୀଙ୍କ ଉପରେ ମାଡ଼ିଗଲା ଅଜଣାଗାଡ଼ି। ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ଘଟିଛି। ବଲାଙ୍ଗିର-ସୋନପୁର ରାଜରାସ୍ତାର ମଳମୁଣ୍ଡା ଛକ ନିକଟରେ ଏହି ଦୁର୍ଘଟଣା ଘଟିଥିଲା । ମୃତକ ହେଲେ ଖଗେଶ୍ୱର ଦୀପ ଓ ତାଲପାଲି ଗାଁର ସଚିକାନ୍ତ ନାଗ । ଗୁରୁବାର ରାତିରେ ଖଗେଶ୍ୱର ଓ ସଚିକାନ୍ତ ଏକ ବାଇକରେ ବଲାଙ୍ଗିରରୁ ନିଜ ଗାଁକୁ ଫେରୁଥିଲେ। ମଳମୁଣ୍ଡା ଛକ ନିକଟରେ ବାଇକ୍ ରଖି ଉଭୟ ପରିସ୍ରା କରୁଥିଲେ। ଏହି ସମୟରେ ଏକ ଅଜଣା ଗାଡ଼ି ଆସି ସେମାନଙ୍କୁ ଧକ୍କା ଦେଇଥିଲା। ପରେ ଗାଡ଼ିଟି ଘଟଣାସ୍ଥଳରୁ ପଳାଇଯାଇଥିଲା। ସ୍ଥାନୀୟ ଲୋକେ ଓ ପୁଇଁତଳା ପୁଲିସ ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ସେମାନଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ପୋଲିସ ଘଟଣାର ଅଧିକ ତଦନ୍ତ କରୁଛି।

# ଜାଗୃତି ପକ୍ଷରୁ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ




ଭବାନୀପାଟଣା,(ସବ୍ୟୁ): ମମତା ହେଲଥ ଇନଷ୍ଟିଚ୍ୟୁଟ ଫର ମଦର ଆଣ୍ଡ ଚାଇଲଡ଼ ଅର୍ଗାନାଇଜେସନର ପ୍ରକଳ୍ପ ଜାଗୃତି ପକ୍ଷରୁ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଗ୍ରାମରେ ପରିବେଶ ସୁରକ୍ଷା ଉପରେ ଏକ ସଚତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ପରି ନାମରେ ଅଭିଯାନ ଆରମ୍ଭ କରାଯାଇଥିବା । କାର୍ଯ୍ୟକ୍ରମରେ ବିଭାଗୀୟ ସରକାରୀ ଅଧିକାରୀଙ୍କ ସମେତ ଶତାଧିକ ଲୋକ ଉପସ୍ଥିତ ଥିଲେ। ଜିଲ୍ଲାର ଉପାନ୍ତ ଅଂଚଳରେ ବସବାସ କରୁଥିବା ଗ୍ରାମୀଣ ଲୋକମାନଙ୍କୁ ପରିବେଶର ସୁରକ୍ଷା ଏବଂ ପ୍ରଦୂଷଣକୁ ରୋକିବା ଉଦ୍ଦେଶ୍ୟରେ ଗାଁ ଗାଁ ବୁଲି ବ୍ୟାପକ ଜନ ସଚେତନଧର୍ମୀ ନାରା ଦେବାସହ ପଥପ୍ରାନ୍ତ ନାଟକ ଓ ଗ୍ରାମୀଣ ସଭାମାଧ୍ୟମରେ ଜନ ସାଧାରଣକୁ ସଚେତନ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସଚେତନତା ମାଧ୍ୟମରେ ଘରୋଇ ପ୍ରଦୂଷଣ ମାତ୍ରାକୁ କିପରି ରୋକାଯାଇପାରିବ, ଶୁଖିଲା ଏବଂ ଓଦା ଅଳିଆ ଆବର୍ଜନାକୁ ଅଲଗା ଅଲଗା କରି ରଖିବା ଏବଂ ପ୍ଲାଷ୍ଟିକ ଜିନିଷର ବ୍ୟବହାରକୁ ଯଥା ସମ୍ଭବ କମ୍ କରିବା। ଯଦ୍ୱାର ଆମ୍ଭେ ପରିବେଶକୁ ସୁରକ୍ଷା ଦେବା ସହ ପ୍ରଦୂଷଣର ମାତ୍ରାକୁ କମ କରିପାରିବା। ଏହି କାର୍ଯ୍ୟକ୍ରମର ମୌଳିକ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ । ଶେଷରେ ଉପସ୍ଥିତ ଥିବା ଜନତାଙ୍କ ମନବଳ ବୃଦ୍ଧି ନିମନ୍ତେ ପରିବେଶ ସୁରକ୍ଷା ଉପରେ କେତେଗୁଡିଏ ପ୍ରଶ୍ନ ପଚରାଯାଇଥିଲା । ଦଶଜଣ ସଠିକ ଉତ୍ତର ଦାତାଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ସଂଯୋଜିକା ବର୍ଷାରାଣୀ ଦାଶ ସଂଚାଳନ କରିଥିବା ବେଳେ ମମତା ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଡ଼ାକ୍ତରଖାନା ଏସଏନସିୟୁରୁ ନିଖୋଜ ଶିଶୁ ଉଦ୍ଧାର

ବଲାଙ୍ଗିର/କଣ୍ଟାମାଳ, (ସବ୍ୟୁ): ବଲାଙ୍ଗିର ଭୀମଭୋଇ ହସପିଟାଲ ଭିତରୁ ଶିଶୁ ଚୋରି ଏଭଳି ଏକ ସାଙ୍ଘାତିକ ଅଭିଯୋଗ ଆସିଛି ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରୁ । ଡ଼ାକ୍ତରଖାନା ଏସଏନସିୟୁ ଭିତରେ ଥିବା ଶିଶୁକୁ ନେଇ ଚୋର ଫେରାର ସନ୍ଦେହରେ ହସପିଟାଲ କର୍ମଚାରୀ ଓ ଅଧିକାରୀ ତଦନ୍ତ ଆରମ୍ଭ କରିଥିଲା । ହସପିଟାଲରୁ ନବଜନ୍ମିତ ପୁତ୍ର ସନ୍ତାନ ସକାଳ ୭ ଟା ୧୪ ରେ ଅପରେସନ ପରେ କମ ଓଜନର ପୁଅ ଟିଏ ଜନ୍ମ ହୋଇଥିଲା । ନବଜନ୍ମିତ ଶିଶୁର ଓଜନ ଏକ କିଲୋଗ୍ରାମ ଥିବାରୁ ତାକୁ ଏସ. ଏନ. ସି. ୟୁରେ ରଖିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ । ଅପରେସନ ପରେ ଗୁରୁତର ମାଁ ବେଡ଼ରେ ଶୋଇରହିଥିବାରୁ, ଛୁଆର ପିଉସୀ ଛୁଆକୁ ନେଇ ଜଣେ କର୍ମଚାରୀଙ୍କ ସହିତ ଏସଏନସିୟୁ ଆସିଥିଲେ । ଏସଏନସିୟୁରେ ଚିକିତ୍ସା ଚାଲିଥିବା କହିଥିଲେ କର୍ମଚାରୀ । କିନ୍ତୁ ଅପରାହ୍ନରେ ଛୁଆର ସ୍ୱାସ୍ଥ୍ୟବସ୍ଥା ପଚାରିବା ପାଇଁ ଯାଇଥିଲେ ପିଉସୀ । ହେଲେ ସେପରି କିଛି ଛୁଆ ନଥିବା କହିବାରୁ ଆଶର୍ଯ୍ୟ ହୋଇଯାଇଥିଲେ ପିଉସୀ । ସବୁକଥା କହିଲା ପରେ ଦାୟିତ୍ୱରେ ଥିବା କର୍ମଚାରୀ କହିଲେ ଛୁଆକୁ ଆଉ ଜଣେ କିଏ ନେଇ ଗଲାଣି । କିନ୍ତୁ ଏସଏନସିୟୁ ଭିତରୁ କିଏ କେମିତି ନେଲା ଓ କେମିତି ଦାୟୀତ୍ୱରେ ଥିବା କର୍ମଚାରୀ/ନର୍ସ କାହାକୁ ଦେଇଦେଲେ ତାକୁ ନେଇ ଡ଼ାକ୍ତରଖାନାରେ ଚାପା ଉତ୍ତେଜନା ଲାଗି ରହିଥିଲା । ବୌଦ୍ଧ ଜିଲ୍ଲା ଜିଲ୍ଲା କଣ୍ଟାମାଳ ଥାନା ବର୍ଡିପଦର ଗାଁରୁ ବଡ ହସପିଟାଲ ଭାବି, ଆସିଥିଲେ ଦମ୍ପତ୍ତି । କିନ୍ତୁ ଏଭଳି ଘଟଣା ପରେ ପ୍ରସୂତି ବେଦନାରେ ଛଟପଟ ମାଁ ହତାଶ ଛୁଆ ନିଖୋଜ ହେବା, ହସପିଟାଲ ଫାଣ୍ଡିରେ ପରିବାର ଲୋକଙ୍କ ଅଭିଯୋଗ ପ୍ରସୂତି ୱାର୍ଡକୁ ଯାଇ ତଦନ୍ତ କରି ପୋଲିସ ହସପିଟାଲର ସି. ସି. ଟିଭି ଯାଞ୍ଚ କରି ଏକ ସନ୍ଦିଗ୍ଧର ଫଟୋ ଜାରୀ କରିଥିଲା । ହସପିଟାଲ ପ୍ରଶାସନ ନିଖୋଜ ଶିଶୁର ସମ୍ପର୍କୀୟଙ୍କୁ ଫଟୋ ଦେଖାଇଥିଲେ । କିନ୍ତୁ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନିନଥିବା କହିଥିଲେ ନିଖୋଜ ଶିଶୁଙ୍କ ସମ୍ପର୍କୀୟ । ପରବର୍ତ୍ତୀ ସମୟରେ ପୋଲିସ ନବଜାତ ଶିଶୁକୁ ବୌଦ୍ଧ ଜିଲ୍ଲା କଣ୍ଟମାଳ ପତରାପାଲି ଗ୍ରାମ ନିକଟରୁ ଉଦ୍ଧାର କରୁଥିବାର ସୂଚନା ମିଳିଛି ।ସନ୍ଧ୍ୟା ୬ଟାରେ ବୌଦ୍ଧ ଜିଲା କଟେରମାଳ ଗ୍ରାମରୁ ପୋଲିସ ଶିଶୁକୁ ଉଦ୍ଧାର କରିଛି । ଏହା ସହ କଟେରମାଳ ଗ୍ରାମର ସୁରଥ ପୁଟା, ତାଙ୍କ ସ୍ତ୍ରୀ ବିଶାଖା ପୁଟାଙ୍କୁ ବଲାଙ୍ଗିର ପୋଲିସ ନିଜ ସହ ନେଇଛନ୍ତି । ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଓ ହସପିଟାଲର ଏସ୍ଏନସିୟୁରୁ ନବଜାତ ଶିଶୁ ଅଦଳବଦଳ ହୋଇଥିବା ନେଇ ବୌଦ୍ଧ ଜିଲ୍ଲା ବରଡ଼ିପଦର ଗାଁର ସୁଶୀଲ ସ୍ୱାଇଁ ଅଭିଯୋଗ କରିଥିଲେ । ବଲାଙ୍ଗିର ହସପିଟାଲ ଫାଣ୍ଡି ତରଫରୁ ଘଟଣାର ତଦନ୍ତ କରାଯାଇ କଟେରମାଳ ଗ୍ରାମରୁ ପୋଲିସ ଶିଶୁକୁ ଉଦ୍ଧାର କରିଛି।

# କେନ୍ଦ୍ର ସରକାରଙ୍କ ଶ୍ରମିକ ଓ ଜାତୀୟତା ବିରୋଧୀ ନୀତି ବିରୋଧରେ ଧର୍ମଘଟ




ବଲାଙ୍ଗିର,(ସବ୍ୟୁ): କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧି ଏବଂ ଜାତୀୟତା ବିରୋଧି, ଧ୍ୱଂସକାରୀ ନୀତି ଗୁଡିକ ବିରୋଧରେ ଏଆଇଟିୟୁସି ବଲାଙ୍ଗିର ଜିଲ୍ଲା କମିଟି ତରଫରୁ ଆଜି ସାଥୀ ତିର୍ଥ ପଧାନଙ୍କ ନେତୃତ୍ୱରେ ସ୍ଥାନୀୟ କୋସଲ କଳାମଣ୍ଡଳ ପଡିଆରୁ ଏକ ବିଶାଳ ଶୋଭାଯାତ୍ରାରେ ସହ ସହ ସଂଖ୍ୟାରେ ସ୍କିମ ୱାର୍କର ଆଶାକର୍ମୀ, ପାଚିକା ସହାୟିକା, ଅଙ୍ଗନୱାଡି, ନିର୍ମାଣ ଶ୍ରମିକ, କୃଷକ, ଦିନ ମଜୁରିଆ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା । ଶ୍ରମିକ ଶ୍ରେଣୀ ସ୍ୱାର୍ଥ ବିରୋଧି ୪ଟି ଶ୍ରମ କୋଡ ପ୍ରତ୍ୟାହାର, ଆଶା ପାଚିକା ସହାୟିକା, ଅଙ୍ଗନୱାଡି ସମେତ ସମସ୍ତ ସ୍କିମ ୱାର୍କରଙ୍କୁ ଭାରତୀୟ ଶ୍ରମ ସମ୍ମିଳନୀର ସୁପାରିଶ ଭିତ୍ତିରେ ୱାର୍କର ମାନ୍ୟତା ପ୍ରଦାନ କରାଯାଉ । ଶ୍ରମିକମାନଙ୍କ ପାଇଁ ମାସିକ ସର୍ବନିମ୍ନ ମଜୁରି ୨୬ହଜାର ଟଙ୍କାକୁ ବୃଦ୍ଧି କରାଯାଉ । ଲୋୟର ସୁକତେଲ ନଦୀବନ୍ଧ ପ୍ରକଳ୍ପରେ ବିସ୍ଥାପିତ ହୋଇ ବର୍ତ୍ତମାନ ପର୍ଯ୍ୟନ୍ତ ଥାଇଥାନ କରାଯାଇନଥିବା ୬ ଜଣଙ୍କୁ ପୁନଃ ଆଶାକର୍ମୀ ନିଯୁକ୍ତି ଦେବା ସଂଘ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସହ-ସଂପାଦକ ସାଏବୁ ନନ୍ଦ, ଜିଲ୍ଲା ଆଶା କର୍ମୀ ସଂଘର ସଂପାଦିକା ଓମି ଗୁପ୍ତା, ନିର୍ମାଣ ଶ୍ରମିକ ସଂଘର ଜଗବନ୍ଧୁ ବେହେରା, ନିଖିଳ ଓଡିଶା ପାଚିକା ସହାୟିକା ସଂଘର ଜିଲ୍ଲା ସଂପାଦିକା ମାଧବୀ କଲତା, ଆଶାକର୍ମୀ ସଂଘରୁ ଉର୍ଜୁଳି ମେହେର, ହରିପ୍ରିୟା କୁମ୍ଭାର, ମାଧବୀ ବେହେରା, କଲ୍ୟାଣି ସାହୁ, ମୁକ୍ତା ଉଦୁରକୁଲିଆ,ପବିତ୍ର ବାରିକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଗୌରଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସଦର ବ୍ଲକ ଶିବତଲା ସ୍ଥିତ ପଂଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସପ୍ତାହବ୍ୟାପି ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଅଧକ୍ଷ କୃପାସିନ୍ଧୁ ଯୋଷୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅଧ୍ୟାପକ ବିରେନ୍ଦ୍ର ଗଡୁଆ, ଶତ୍ରୁଘନ ସାହୁ, ଅଧ୍ୟାପିକା ସବିତା ଦାଶ ପ୍ରମୁଖ ଯୋଗଦାନ କରି ଆତ୍ମସୁରକ୍ଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ନୋଡାଲ ଅଫିସର ତଥା ଅଧ୍ୟାପକ ସୁବ୍ରତ କୁମାର ତ୍ରିପାଠି ସଭା କାର୍ଯ୍ୟ ପରିଚାଳନା କରିଥିଲେ । ପ୍ରଶିକ୍ଷିକା ପ୍ରିୟଙ୍କା ମିଶ୍ର ସପ୍ତାହ ବ୍ୟାପି ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଶେଷରେ ଅତିଥିବୃନ୍ଦ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

# ଅଶୋକ ମିଶ୍ର ମେମୋରିଆଲ ଫୁଟବଲ ନବ ଯୁବକ ସଂଘ କ୍ଲବ ବିଜୟୀ

ଝାରସୁଗୁଡା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲା କ୍ରୀଡାସଂଘ ପଡିଆରେ ୨ୟ ବାର୍ଷିକୀ ଅଶୋକ ମିଶ୍ର ମେମୋରିଆଲ ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ୬ଷ୍ଠ ଦିନ ମ୍ୟାଚ ନବ ଯୁବକ ସଂଘ ଫୁଟବଲ କ୍ଲବ ବଢେଇମୁଣ୍ଡା ଓ ସମ୍ବଲେଶ୍ୱରୀ କ୍ଲବ ପଣ୍ଡରୀପଥର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଆରମ୍ଭର ୧୫ ମିନିଟ ମଧ୍ୟରେ ବଢେଇମୁଣ୍ଡା ପ୍ରଥମ ଗୋଲ ଦେଇ ଆଗୁଆ ରହିଥିଲା । ପ୍ରଥମ ଭାଗର ୩୨ ମିନିଟରେ ପଣ୍ଡରୀ ପଥର ଗୋଲଟି ପରିଶୋଧ କରିଦେଇଥିଲା । ୨ୟ ଭାଗରେ ଖେଳଟି ବେଶ ପ୍ରତିଦ୍ୱନ୍ଦିତାମୂଳକ ହୋଇ ଘନ ଘନ ଆକ୍ରମଣ କରି ନବ ଯୁବକ ସଂଘ ଫୁଟବଲ କ୍ଲବ ବଢେଇମୁଣ୍ଡା ୬୧ ମିନିଟରେ ଗୋଲ କରି ଥିଲେ। କିନ୍ତୁ ପଣ୍ଡରୀ ପଥର ଗୋଲ ପରିଶୋଧ କରି ପାରିନଥିଲେ। ଶେଷରେ ୨-୧ ଗୋଲରେ ନବ ଯୁବକ ସଂଘ ଫୁଟବଲ କ୍ଲବ ବଢେଇମୁଣ୍ଡା ବିଜୟୀ ହୋଇଛି। ଏହି ମ୍ୟାଚକୁ କିଶନ ଦାସ ,ରମଣି ମାଝି , ଅଗସ୍ତି ହାତିପଟା ଓ ଗିରିଶ ପ୍ରଧାନ ପରିଚାଳନା କରିଥିଲେ।

# କଳାହାଣ୍ଡି ପାଚିକା ସହାୟିକା ମଜଦୁର ସଂଘର ୬ ଦଫା ଦାବି

ଭବାନୀପାଟଣା,(ସବ୍ୟୁ): ଭାରତୀୟ ମଜଦୁର ସଂଘ ସଂଲଗ୍ନ ପାଚିକା ସହାୟକା ମଜଦୁର ସଂଘ କଳାହାଣ୍ଡି ଶାଖା ୬ଦଫା ସମ୍ବଳିତ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଜିଲ୍ଲାର ପ୍ରାୟ ଶତାଧିକ ପାଚିକା ଏବଂ ସହାୟିକା ସମ୍ମିଳିତ ଭାବେ ନିଜର ନ୍ୟାର୍ଯ୍ୟ ଦାବି ହାସଲ ନିମନ୍ତେ ବିଭିନ୍ନ ପ୍ରକାର ନାରାବାଜି ଦେବାସହ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା କରିଥଲେ । ପରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ଦାବୀ ପତ୍ର ପ୍ରଦାନ କରିଥିଲେ। ସେ ଦାବିଗୁଡିକ ମଧ୍ୟରେ ପ୍ରମୁଖ ଦାବି ଗୁଡିକ ହେଲା ପାଚିକା ଓ ସହାୟିକା ମାନଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ , ସେମାନଙ୍କ ଇପିଏଫ, ଇଏସ ଆଇ ଲାଗୁ କରିବା ସହ ସାମାଜିକ ସୁରକ୍ଷା ପ୍ରଦାନ,ବର୍ଷକୁ ଦଶମାସ ପରିବର୍ତ୍ତେ ବାରମାସ ର ଦରମା ପ୍ରଦାନ, କାର୍ଯ୍ୟରତ ସମୟରେ ମୃତ୍ୟୁ ବରଣ କଲେ ପରିବାରକୁ ପାଞ୍ଚ ଲକ୍ଷ ଟଙ୍କା ସହାୟତା ରାଶି, ସମସ୍ତଙ୍କ ପାଇଁ ବୀମା ଲାଗୁ, ଅବସରକାଳୀନ ଭତ୍ତା ପ୍ରଦାନ କରିବା ଆଦି ଦାବି ଅନ୍ତର୍ଭୁକ୍ତ। ଉକ୍ତ ସଭାରେ ପାଚିକା ସଂଘ ଜିଲା ସଭାପତି ତପସ୍ୱିନୀ ମହାରଣା, ସମ୍ପାଦିକା ବିମଳା ଗଉଡ, ସନ୍ୟାସ ପ୍ରଧାନ ମମତା ଗହୀର, ଜିଲା କାର୍ଯ୍ୟକାରୀ ସଭାପତି ନବୀନ ଛତ୍ରିଆ, ରାଜ୍ୟ ସମ୍ପାଦକ ବିଶ୍ୱ ରଞ୍ଜନ ସା,ଭାରତୀୟ ମଜଦୁର ସଂଘ ର କର୍ମକର୍ତ୍ତା ବିରଞ୍ଚି ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପ୍ରତିବାଦ କରିଥିଲେ।

# ଚାଷୀ ଡାକରାରେ ତରଭା ବନ୍ଦ ସଫଳ

ତରଭା,(ସବ୍ୟୁ): ସଂଯୁକ୍ତ କୃଷକ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ ୟୁନିଅନ ମିଳିତ ମଞ୍ଚ ଓ ସ୍ୱାଧୀନ ଫେଡେରେସନ ସମୁହ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ସମର୍ଥନ ଜଣାଇ ତରଭା ବ୍ଲକର ଚାଷୀ ମାନେ ପିକେଟିଂ କରି ସହରର ଦୋକାନ ବଜାର ଗୁଡିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଥିଲେ। ଚାଷୀମାନେ ଡ଼. ଏମ ଏସ ସ୍ୱାମୀନାଥନ, ଜାତୀୟ କୃଷକ କମିଶନର ସୁପାରିଶ ଅନୁସାରେ ଏମ୍ଏସପି ଲାଗୁ କରିବା, ଏମଏସପି କୁ ଆଇନ୍‌ର ମାନ୍ୟତା ଦେବା ଓ କୃଷି ଋଣ ଛାଡ କରିବା ପ୍ରଭୃତି ୧୨ ଦଫା ଦାବିକୁ ସମର୍ଥନ ଜଣାଇ ତରଭା ଚାଷୀମାନେ ବନ୍ଦକୁ ସଫଳ କରିଥିଲେ । ପୂର୍ବଦିନ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ଚାଷୀ ମାନଙ୍କ ତରଭା ବନ୍ଦ ଡାକରାକୁ ସଫଳ କରିବା ପାଇଁ କରାଯାଇଥିବା ଘୋଷଣା ଯୋଗୁଁ ଅନେକ ଦୋକାନ ବଜାର ସ୍ୱତଃ ପ୍ରବୃତ୍ତ ଭାବେ ବନ୍ଦ ରଖିଥିବା ବେଳେ ଖୋଲାଥିବା ଦୋକାନ ବଜାରକୁ ଚାଷୀମାନେ ଯାଇ ଅନୁରୋଧ କରି ବନ୍ଦ କରାଇ ଥିଲେ। କଲେଜରେ ବର୍ତ୍ତମାନ ପରୀକ୍ଷା ଚାଲୁଥିବାରୁ ତାକୁ ବନ୍ଦରୁ ବାଦ ଦେଇଥିବା ବେଳେ ବାଳକ ହାଇସ୍କୁଲର ନବମ ଶ୍ରେଣୀର ଛାତ୍ରମାନେ ଉତ୍କର୍ଷ ପରିକ୍ଷା ଦେଉଥିବାରୁ ଉକ୍ତ ଶ୍ରେଣୀକୁ ଛାଡି ବାକି ସମସ୍ତ ଶ୍ରେଣୀକୁ ପ୍ରଧାନ ଶିକ୍ଷକଙ୍କୁ ଅନୁରୋଧ କରି ବନ୍ଦ କରା ଯାଇଥିଲା। ଫଳରେ ସମସ୍ତ ସରକାରୀ,ଅନୁଷ୍ଠାନ, ବ୍ଲକ, ତହସିଲ, ବ୍ୟାଙ୍କ, ବେସରକାରୀ ପ୍ରତିଷ୍ଠାନ ଗୁଡିକ ବନ୍ଦ ହୋଇ ଆଜି ତରଭା ବନ୍ଦ ଶାନ୍ତିପୂର୍ଣ୍ଣ ଭାବରେ ସଫଳ ହୋଇଥିଲା। ପିକେଟିଂ ରେ ମିତ୍ରବ୍ରତ ମିଶ୍ର, ସଦାନନ୍ଦ ପାଣିଗ୍ରାହୀ, ଜନାର୍ଦ୍ଦନ ଥନାପତି, ଭୋଲା ବର୍ମା, ପ୍ରକାଶ ହରିପାଲ, ସତ୍ୟ ନାରାୟଣ ମେହେର, ସୁକାନ୍ତ ମିଶ୍ର ଓ ଜଗନ୍ନେଶ୍ୱର ନାଗଙ୍କ ସମେତ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ବହୁ ଚାଷୀ ସାମିଲ ଥିଲେ।

# ବୈରାଗୀ ମହାପାତ୍ରଙ୍କ ପରଲୋକ

ଭବାନୀପାଟଣା,(ସବ୍ୟୁ): ଭବାନୀପାଟଣା ସହରସ୍ଥିତ ରେଲୱେ ଲାଇନ ଅଞ୍ଚଳରେ ରହୁଥିବା କଳାହାଣ୍ଡି ଜିଲ୍ଲାର ପୂର୍ବତନ ଡିଆଇପିଆର୍‌ଓ ବୈରାଗୀ ମହାପାତ୍ର (୯୭)ଙ୍କ ପରଲୋକ ହୋଇଯାଇଛି। ଅନ୍ତିମ ସମୟରେ ୪ ପୁଅ ନାରାୟଣ ମହାପାତ୍ର, ଜନାର୍ଦ୍ଦନ ମହାପାତ୍ର, ବାସୁଦେବ ମହାପାତ୍ର, ଜୟଦେବ ମହାପାତ୍ର, ବୋହୂ, ଝିଅ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଅନ୍ତିମ ସଂସ୍କାର ନିମନ୍ତେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ତାଙ୍କ ବାସଭବନରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ସହକାରୀ ନିର୍ଦ୍ଦେଶକ, ନେହେରୁ ଯୁବକେନ୍ଦ୍ରର ପୂର୍ବତନ ସଂଯୋଜିକା ଶୁଭଲକ୍ଷ୍ମୀ ନାଏକ, ମହାବୀର ସାଂସ୍କୃତିକ ଅନୁଷ୍ଠାନର ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂହ, ବିରଞ୍ଚି ନାରାୟଣ ମୁଣ୍ଡଙ୍କ ସମେତ ଅନ୍ଧମୁକ ବଧିର ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ ତାଙ୍କର ଶେଷଦର୍ଶନ କରିଥିଲେ।

# ପାତାଳୀ ସେନା ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ସୋନପୁର,(ସବ୍ୟୁ): ଜିଲ୍ଲାର ପାତାଳି ଶ୍ରୀକ୍ଷେତ୍ର ଠାରେ ୧୯ତମ ମହୋତ୍ସବ ଅବସରରେ ଏକ ମାଗଣା ରକ୍ତଦାନ ଶିବିର ସହ ନେତ୍ର ପରୀକ୍ଷା ଓ ରକ୍ତଚାପ, ଡାଇବେଟିସ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଆସିଥିବା ଦର୍ଶନାର୍ଥୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଠାରୁ ସମୁଦାୟ ୫୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ୬ ଜଣ ମହିଳା ରକ୍ତଦାତାଙ୍କ ସହ ୩ ଦମ୍ପତି ଦାନ କରିଥିଲେ । ମେଗା ରକ୍ତଦାନ ଶିବିରରେ କୋଟସମଲାଇ ସରପଞ୍ଚ ବେଦମତୀ ମେଣ୍ଡିଲି,ଶିକ୍ଷାବିତ ପ୍ରମୋଦ ପଣ୍ଡା, ନବନିର୍ମାଣ ମହିଳା କୃଷକ ସଂଗଠନ ରାଜ୍ୟ ଉପସଭାପତି ସୋନାଲି ବିଶି, ଉଲୁଣ୍ଡା ବ୍ଲକ୍ ଉପାଧ୍ୟକ୍ଷ ସଞ୍ଜୀବ ଦେହେରି, ଡାକ୍ତର ବୃନ୍ଦାବନ ମେହେର, ପାତାଳୀ କ୍ଷେତ୍ର ଟ୍ରଷ୍ଟ ର ସଂପାଦକ ଉତ୍ତର ପାତ୍ର, ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗଦେଇ ରକ୍ତଦାନ କରିବାର ଯଥାର୍ଥତା ଓ ଉତ୍ତରଦାୟିତ୍ୱ ବିଷୟରେ ସମସ୍ତଙ୍କୁ ଜଣାଇଥିଲେଛ ସୋନପୁର ରକ୍ତ ଭଣ୍ଡାର ର ଡାକ୍ତରୀ ଟିମ୍ ସହ ଜଗତ ଦରୁଅଆନ, ଟିଟୁ ଭୋଇ, ଯୁଧିଷ୍ଠିର ନାୟକ ପ୍ରମୁଖ ରକ୍ତ ଦାନ ଶିବିରର ସୂଚାରୁ ଭାବରେ ପରିଚାଳନା କରିଛନ୍ତି।ଏହା ସହ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲିର ଚକ୍ଷୁ ଶିବିର ସଂଯୋଜକ ଧର୍ମରାଜ ନାଏକରୁ ଏକ ମାଗଣା ନେତ୍ର ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। କିୟୋର ବେ କ୍ଲିନିକ୍ ତରଫରୁ ମାଗଣା ଡାଇବେଟିସ ଓ ରକ୍ତ ଚାପ ପରୀକ୍ଷା ଶିବିର ହୋଇଥିଲା। ବହୁ ବୃଦ୍ଧ ବୃଦ୍ଧା ଏହି ଶିବିରରେ ଦର୍ଶନାର୍ଥି ପରୀକ୍ଷଣ କରିଥିଲେ। ଯେଉଁ ମାନଙ୍କ ଅପରେସନ ହେବାର ଅଛି । ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ସଫଳ ଅପରେସନ କରିବା ପାଇଁ ମହାନଦୀ ନେତ୍ର ଚିକିତ୍ସାଳୟକୁ ନିଆଯାଇଛି। ପାତାଳୀ ସେନା ଏହିପରି ସାମାଜିକ ସମାରୋହ ସବୁବର୍ଷ ଆୟୋଜିତ କରି ଅଞ୍ଚଳରେ ଯୁବକ ମାନଙ୍କୁ ଉତ୍ସାହିତ କରି ଆସୁଛି। ଅଞ୍ଚଳରେ ରକ୍ତ ଓ କିଡନୀ ରୋଗ ବଢ଼ି ଚାଲିଥିବାରୁ ପାତାଳୀ ସେନା ଏହାପ୍ରତି ସଚେତନ ହେବା ପାଇଁ ପ୍ରଶାସନ ଓ ଜନସାଧାରଣଙ୍କୁ ଆହ୍ୱାନ କରିଛି। ଶେଷରେ ଜିଲ୍ଲା ରକ୍ତଦାତା ସେବା ସଂଘ ସଭାପତି ମନୋଜ ପଣ୍ଡା ସମସ୍ତ ରକ୍ତଦାତାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଜଙ୍ଗଲ ଜମି ଯୋଜନା କାର୍ଯ୍ୟକାରୀତା ଦାବିରେ ବ୍ଲକ ଅଫିସ ଘେରାଉ

# ଦାବିପୂରଣ ନହେଲେ ଭୋଟ ବର୍ଜନ ଚେତାବନୀ




ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡିଘାଟ,ହଳଦୀ ଓ ମାଳିଶିରା ପଞ୍ଚାୟତର ଜଙ୍ଗଲ ଅଞ୍ଚଳରେ ରହୁଥିବା ପେରୁଆମାଲ, ସୁକୁନିପଦର, ବେହେରାଖାଇ, କକଡାପଦର, ରାଣୀସିଲେଟ, ଶିକାରିପଡା, ଲତାସଢ଼ା, ଦାଢ଼ିଆପଦର ଓ କୁଟନିଝରଣ ଭଳି ୯ଟି ଅଣ ରାଜସ୍ୱ ଗ୍ରାମରେ ବସବାସ କରୁଥିବା ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନେ ନିଜର ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି । ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ୨୦୦୬, ସଂଶୋଧିତ ନିୟମ ୨୦୧୨ ତଥା ମୋ ଜଙ୍ଗଲ ଜମି ଯୋଜନାକୁ ସଠିକ ଭାବରେ କାର୍ଯ୍ୟକାରୀ କରିବା ଦାବିରେ ଜିନ୍ଦାବାଦ ସଙ୍ଗଠନ ନେତୃତ୍ୱରେ ଶୋଭଯାତ୍ରାରେ ଆସି ମୁରିବାହାଲ ବ୍ଲକ ଅଫିସ ଘେରାଉ କରାଯାଇଥିଲା । ଗଣଧାରଣା,ବିକ୍ଷୋଭ ଓ ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିପତ୍ରକୁ ବ୍ଲକ ସେକ୍ସନ ଅଫିସର ରାଜେନ୍ଦ୍ର ନାୟକ ଗ୍ରହଣ କରିଥିଲେ। ୧୧ଦଫା ଦାବିଗୁଡିକ ମଧ୍ୟରେ ଏହି ଆଇନକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା, ଜଙ୍ଗଲ ଭିତରେ ଥିବା ପଡ଼ା ଗ୍ରାମଗୁଡିକରେ ଗ୍ରାମସଭା କରାଯାଇ ଜଙ୍ଗଲ ଅଧିକାର କମିଟି ଗଠନ କରାଯିବା, ଅନ୍ୟାନ୍ୟ ପାରମ୍ପରିକ ବନବାସୀ, ଏସସି, ଓବିସିଙ୍କ ଦାବୀ ଗ୍ରହଣ କରି ପଟ୍ଟା, ଶିରୋନାମା ପ୍ରଦାନ,ଜିଲ୍ଲା ଓ ଉପଖଣ୍ଡସ୍ତରୀୟ କମିଟିର ଦାୟିତ୍ୱ ଓ କ୍ଷମତାକୁ ଠିକ୍ ଭାବେ କାର୍ଯ୍ୟକାରି କରିବା, ଜଙ୍ଗଲ ଅଧିକାର କମିଟିର ସମସ୍ତଙ୍କୁ ତାଲିମ ପ୍ରଦାନ, ଏହା କାର୍ଯ୍ୟକାରିତାର ଏକ ନିର୍ଦ୍ଦିଷ୍ଟ ସମୟ ସୀମାରେ ସମାପ୍ତ କରିବା ପ୍ରକ୍ରିୟାକୁ ବନ୍ଦ କରିବା,ଏଥିରେ ଗ୍ରାମସଭାକୁ ଗୁରୁତ୍ୱ ଦିଆଯିବା, ପଟ୍ଟାକୁ ସଂଶୋଧନ କରି ଦଖଲରେ ଥିବା ଜଙ୍ଗଲ ଜମିର ପୁରା ଏରିଆର ପଟ୍ଟା, ଶିରୋନାମା ଦିଆଯିବା, ମିଳିଥିବା ପଟ୍ଟାକୁ ସଂଶୋଧନ କରି ଭୁଲେଖରେ ସାମିଲ କରିବା,ପୂର୍ବରୁ ରୁଜୁ ବିଭିନ୍ନ ମାମଲା ତୁରନ୍ତ ପ୍ରତ୍ୟାହାର କରାଯିବା ତଥା ଜଙ୍ଗଲ ଗାଁ, ପୁରୁଣା ବସ୍ତି, ଅଣ ସର୍ବେକ୍ଷଣ ପଡ଼ା,ଗ୍ରାମଗୁଡ଼ିକୁ ପରିବର୍ତ୍ତନ କରାଯାଇ ରାଜସ୍ ଗ୍ରାମର ମାନ୍ୟତା ଦେବା ପାଇଁ ଜିଲ୍ଲାସ୍ତରୀୟ କମିଟିର ଅଧକ୍ଷ ତଥା ଜିଲ୍ଲାପାଳଙ୍କୁ ଦିଆଯାଇଥିବା କ୍ଷମତା ଓ ଦାୟିତ୍ୱକୁ ତୁରନ୍ତ ଲାଗୁ କରାଯିବା ଆଦି ଦାବୀ ରହିଛି। ଜିନ୍ଦାବାଦ ସଙ୍ଗଠନର ଜିଲ୍ଲା ସଭାପତି ଆଇନଜିବୀ ତ୍ରିଲୋଚନ ପୁଞ୍ଜି, ମୁରିବାହାଲ ବ୍ଲକ ସଭାପତି ସଦାନନ୍ଦ ଧରୁଆ, ସମ୍ପାଦକ କେଶବ ଧରୁଆ, ସଭ୍ୟ ଧନମତ ପାତ୍ର, ଗୁପ୍ତେଶ୍ୱର ଭୋଇ, ଜିରେ ଭୋଇ, ବୈଜନ୍ତି ପ୍ରଧାନୀ,ଡ଼ମ୍ବୁରୁ ବାଗ, କୁମର ଧରୁଆ, ଶୁଭକାନ୍ତି ମାଝୀ,କେଶରୀ ଧରୁଆ,ଟଙ୍କ ଶବର, ରଘୁନାଥ ଶବର, ଦେବାରଚନ୍ଦ ଛୁରା, ପାର୍ଥ କଅଁର, ପାର୍ବତୀ ଧରୁଆ, କୁମାରୀ ପରାଭୋଏ ପ୍ରମୁଖଙ୍କ ସହ ଶତାଧିକ ବନବାସୀ ଉପସ୍ଥିତ ଥିଲେ। ନିଜର ମୌଳିକ ଅଧିକାରରୁ ବଞ୍ଚିତ ଏହି ୯ଟି ଅଣରାଜସ୍ୱ ଗ୍ରାମର ଗ୍ରାମବାସୀ ସେମାନଙ୍କ ଦାବୀଗୁଡ଼ିକ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ନ ଦେଲେ ବାଧ ହୋଇ ଆଗାମୀ ସାଧାରଣ ନିର୍ବାଚନକୁ ବର୍ଜନ କରିବାକୁ ଚେତାବନୀ ମଧ ଦେଇଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁରିବାହାଲ ଥାନା ଆଇଆଇସି ସିପୋରା ସରାୟ ଲୁଗୁନଙ୍କ ସହ ଏକ ପ୍ଲାଟୁନ ପୁଲିସ ଉପସ୍ଥିତ ଥିଲେ।

# ଜି.ଶ୍ୟାମଲ ରାଓ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ



ଝାରସୁଗୁଡ଼ା,(ସବ୍ୟୁ): ବ୍ରଜରାଜନଗର ଓରିଏଣ୍ଟ କୋଲିଆରୀ ଖେଳ ପଡିଆରେ ବ୍ରଜରାଜନଗର କ୍ରିକେଟ କ୍ଲବ ଓ ଆମ୍ବିସନ କ୍ଲବ ସହଯୋଗରେ ତୃତୀୟ ସର୍ବ ଭାରତୀୟ ଜି.ଶ୍ୟାମଲ ରାଓ ସ୍ମାରକୀ ନକ ଆଉଟ୍ କ୍ରିକେଟ୍ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ହକି ଆସୋସିଏସନ୍‌ର ଉପ ସଭାପତି ଜୀବନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଓଡ଼ିଶା ହୋଟେଲ ଆସୋସିଏସନ୍ ର ଉପ ସଭାପତି ଆଶିଷ ପାଲିତ, ସମାଜସେବୀ ଜ୍ୟୋତି ଲାଠ ଯୋଗ ଦେଇ ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ୍ ଆମ୍ବିସନ କ୍ଲବ ସହିତ ଇବ୍ ଭ୍ୟାଲି ବ୍ରଜରାଜନଗର ର ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆମ୍ବିସନ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୩୦ଓଭର ଖେଳି ୭ ୱିକେଟ ହରାଇ ୨୧୪ ରନ୍ ସଂଗ୍ରହ କରିଥିଲେ। ଇବଭ୍ୟାଲି ଦଳ ୯ ଓଭର ଖେଳି ୧୦ ୱିକେଟ ହରାଇ ୧୭ ରନ୍ ସଂଗ୍ରହ କରିଥିଲେ। ଆମ୍ବିସନ କ୍ଲବ ୧୯୭ ରନ୍ ରେ ବିଜୟୀ ହୋଇଥିଲେ। ଆଜିର ମ୍ୟାଚରେ ପ୍ରଜ୍ୱଳ ପଟେଲ ଓ ବିନୟ ପ୍ରସାଦ ଅମ୍ପେୟାର ଭାବରେ ରହିଥିଲେ।

